**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**8 October – 2023**

# ମେଟ୍ରୋ ପ୍ରକଳ୍ପ

ଓଡ଼ିଶା ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମପର୍ଯ୍ୟାୟ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ସମୀକ୍ଷା କରିଛନ୍ତି । ପ୍ରକଳ୍ପପାଇଁ ମୋଟ୍ ୫ହଜାର ୯୨୯କୋଟି ଟଙ୍କା ବ୍ୟୟକୁ ଅନୁମୋଦନ ପ୍ରଦାନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଓଡ଼ିଶା ପାଇଁ ଏକ ଐତିହାସିକ ପ୍ରକଳ୍ପ । ଏହା କାର୍ଯ୍ୟକାରୀ ହେବା ସହ ଭୁବନେଶ୍ୱର ଦେଶର ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ପରିଗଣିତ ହେବ । ଏହା ସହରର ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ସହ ଆର୍ଥିକ ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଥିବାବେଳେ କାର୍ଯ୍ୟାରମ୍ଭ ହେବାର ୪ ବର୍ଷ ମଧ୍ୟରେ ଏହାକୁ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଅତିରିକ୍ତ ବଜେଟ୍‌ରେ ମଧ୍ୟ ପ୍ରକଳ୍ପ ପାଇଁ ୨୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ୫-ଟି ଉପକ୍ରମ ଅନୁଯାୟୀ ଏହାର କାର୍ଯ୍ୟାନ୍ୱୟନ ହେବ । ମୁଖ୍ୟମନ୍ତ୍ରୀ ଆସନ୍ତା ନୂଆବର୍ଷରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଜଣାପଡିଛି । ସୂଚନା ଅନୁସାରେ ଏହି

ମେଟ୍ରୋ ରେଳ ପ୍ରକଳ୍ପ ତ୍ରିଶୂଳିଆଠାରୁ ଭୁବନେଶ୍ୱର ଏୟାରପୋର୍ଟ ପର୍ଯ୍ୟନ୍ତ ନିର୍ମାଣ କରାଯିବ । ମୋଟ୍ ୨୦ଟି ଷ୍ଟେସନ ମଧ୍ୟରେ ଏହା ଚଳାଚଳ କରିବ ।

## ଜିଏସ୍‌ଟି ବୈଠକ

ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଭବନଠାରେ ଗତକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ପରିଷଦର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରି-ପ୍ୟାକେଜ୍ ଓ ଲେବଲ ଫର୍ମରେ ବିକ୍ରି ହେଉଥିବା ମିଲେଟ୍ ଭିତ୍ତିକ ଅଟା ଉପରେ ୫ ପ୍ରତିଶଥ ଜିଏସ୍‌ଟି ଲାଗୁ ହୋଇଛି । ସେହିଭଳି ତରଳ ଗୁଡ଼ ଉପରୁ ଜିଏସ୍‌ଟି ୨୮ ପ୍ରତିଶତରୁ ୫ ପ୍ରତିଶତ ହ୍ରାସ କରାଯାଇଛି ।

ଏହି ବୈଠକରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ମିଲେଟ୍ ଭିତ୍ତିକ ଉତ୍ପାଦ ଉପରେ ଜିଏସ୍‌ଟି ହ୍ରାସ ପାଇଁ ଦାବି ଉପସ୍ଥାପିତ କରିଥିବା ଜଣାପଡିଛି ।

## ଯବାନଙ୍କ ଶେଷକୃତ୍ୟ

ସିକ୍କିମର ବନ୍ୟାରେ ପ୍ରାଣ ହରାଇଥିବା ଓଡ଼ିଆ ଜବାନ ସରୋଜ ଦାସଙ୍କ ଶେଷକୃତ୍ୟ ତାଙ୍କ ପୈତୃକ ଗ୍ରାମ ଢେଙ୍କାନାଳ ଜିଲ୍ଲାର କେନ୍ଦୁଡ଼ିପଠାରେ ସମ୍ପନ୍ନ ହୋଇଛି । ଗତକାଲି ତାଙ୍କ ପାର୍ଥିବ ଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ,

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେଠାରେ ସରୋଜଙ୍କୁ ଗାର୍ଡ ଅପ୍ ଅନର୍ ଦିଆଯାଇଥିଲା । ପରେ ତାଙ୍କ ପାର୍ଥିବ ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ କେନ୍ଦୁଡ଼ିପ ଗାଁକୁ ନିଆଯାଇଥିଲା ଏବଂ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

---

## ଶିମିଳିପାଳ

ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ୧୪ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ଏନେଇ ଶମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଏକ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି । ପୂର୍ବପରି ଦୈନିକ ୩୫ଟି ଗାଡି ଯଶୀପୁର ଓ ୨୫ଟି ଗାଡ଼ି ପିଠାବଟା ଦେଇ ପ୍ରବେଶ କରିପାରିବ । ଏହି ୨ଟି ତନଖି ଫାଟକରେ ସକାଳ ୯ଟାରୁ ୬ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଅନୁମତିପତ୍ର ପାଇପାରିବେ ।

---

## ଛତୁ ଚାଷ

ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଛତୁ କନ୍‌କ୍ଲେଭ୍-୨୦୨୩ ଉଦ୍‌ଘାଟିତ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଛତୁଚାଷ ପରି ଅର୍ଥକାରୀ ଫସଲ ଚାଷୀର ଆୟ ବୃଦ୍ଧିରେ ସହାୟକ ହୋଇଥାଏ । ଜୈବ

ବିବିଧତା ଦୃଷ୍ଟିରୁ ଛତୁଚାଷ ପାଇଁ ରାଜ୍ୟରେ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଛନ୍ତି । ସୂଚନା ଅନୁସାରେ ରାଜ୍ୟ ସରକାର ଛତୁ ଚାଷକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଛତୁମିଶନ ଆରମ୍ଭ କରିଛନ୍ତି । ଏଥିପାଇଁ ୨୦୨୨-୨୩ରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୩୨୮କୋଟି ୮୮ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

# ଗଣେଶ ଭସାଣ

କଟକରେ ଆଜି ଅନ୍ତିମପର୍ଯ୍ୟାୟ ଗଣେଶ ଭସାଣ ଉତ୍ସବ ଅନୁଷ୍ଠିତ ହେବ । ୨୨୧ରୁ ଊର୍ଦ୍ଧ୍ୱ ପ୍ରତୀମା ବିସର୍ଜିତ ହେବା ପାଇଁ ସମ୍ପୃକ୍ତ କ୍ଲବ ଓ କମିଟି ଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଇଛି । ଏଥିଲାଗି ସିଏମ୍‌ସି ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ କରାଯାଇଛି । ଭସାଣ ସମୟରେ ସହରରେ ୨୫ପ୍ଲାଟୁନ୍ ଫୋର୍ସ ସମେତ ୧୫୦ରୁ ଅଧିକ ଅଧିକାରୀ ମୁତୟନ ରହିବେ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି । ଶବ୍ଦ ପ୍ରଦୂଷଣ ରୋକିବାକୁ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହିତ ରାତି ୧୦ଟାରେ ସମସ୍ତ ବାଜା ବନ୍ଦ କରାଯିବ ବୋଲି ଜଣାପଡିଛି ।

# ଏସୀୟ କ୍ରୀଡ଼ା

ଚୀନ୍‌ର ହାଙ୍ଗଝୋଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତ ମୋଟ୍ ୧୦୭ ପଦକ ସହ ଅଭିଯାନ ଶେଷ କରିଛି । ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ ସହ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୧ଟି କାଂସ୍ୟ ପଦକ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲା । ଦେଶର ଏହି

ସଫଳତା ପାଇଁ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତା ୧୦ତାରିଖ ଦିନ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ଖେଳାଳିମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ସହ ସେମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି ।

ଅନ୍ୟପକ୍ଷରେ ଏସୀୟ କ୍ରୀଡ଼ାରେ ପୁରୁଷ ହକିରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ଦଳରେ ସାମିଲ ହୋଇଥିବା ଓଡ଼ିଆ ଖେଳାଳି ଅମିତ ରୋହିଦାସ ପାଇଁ ଦେଢ଼କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି । ସେହିଭଳି ବ୍ରୋଞ୍ଜ ପଦକ ଜିତିଥିବା ମହିଳା ହକି ଦଳର ପ୍ରତ୍ୟେକ ସଦସ୍ୟ ଓ ସହାୟକ କର୍ମଚାରୀମାନଙ୍କ ପାଇଁ ୩ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଏସୀୟ କ୍ରିଡ଼ାର ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ କରିଥିବା କିଶୋର ଜେନାଙ୍କ ପାଇଁ ଦେଢ଼କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ।